# Akashvani, Sambalpur

# SAMBALPURI NEWS MORNING BULLETIN

## 15 October 2026 - 6.47- 6.52 am.

---

ଛାତ୍ରସଂସଦ୍ ନିର୍ବାଚନ୍          ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ମାନ୍କେ ଆଉ କିଛି ସମିଆ ଉତ୍ରୁ ଛାତ୍ରସଂସଦ୍ ନିର୍ବାଚନ୍ ଲାଗି ଭୋଟ୍ ହେବା । ଉପର୍ବେଲା ୨ ବଜେତକ୍ ମତଦାନ୍ ହେବାର୍କେ ଥିବାର୍ବେଲେ  ସଞ୍ଜ୍ବେଲେ ଫଲାଫଲ୍ ଘୋଷ୍ନା କରାଯିବା । ଆଏବା କାଏଲ୍  ନୂଆଁକରି ନିର୍ବାଚିତ୍ ପ୍ରତିନିଧିଙ୍କର୍ ଶପଥ୍ ଗ୍ରହଣ୍ ସମାରୋହ କରାଯିବା । ନିର୍ବାଚନ୍କେ ନେଇକରି କେମ୍ପସ୍ ମାନ୍କେ ଉସ୍ନାକି ଦେଖାଦେଇଥିଲା ବେଲେ ପୁଲିସ୍ ପ୍ରଶାସନ୍ ତର୍ଫୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟର୍ ୩ ଶହ ୨୮ ଟା ମହାବିଦ୍ୟାଳୟ ଆଉ ୧୩ ଟା ବିଶ୍ୱବିଦ୍ୟାଳୟ ନ ଛାତ୍ରସଂସଦ୍ ଲାଗି ନିର୍ବାଚନ୍ ହେଉଛେ । ବିଶୃଙ୍ଖଲା ପରିସ୍ଥିତିକେ ନଜର୍ଥି ରଖିକରି

କେତେଟା ଶିକ୍ଷାନୁଷ୍ଠାନ୍ ନ କର୍ତୃପକ୍ଷଙ୍କର୍ ତର୍ଫୁ କେମ୍ପସ୍କେ ସାଇନ୍‌ଡାଏ ଘୋଷ୍‌ନା କରାଯାଇଛେ ।

ନୂଆଁ ରାଜ୍ୟପାଲ            ଆଇ ଆଣ୍ଡ୍ ପି.ଆର୍

ବିଦାୟୀ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟିଙ୍କର୍ ସମ୍ମାନ୍‌ଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ନୈଶ ଭୋଜୀର୍ ଆୟୋଜନ୍ କରାଯାଇଥିଲା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ହାଇକୋର୍ଟରେ ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ହରିଶ୍ ଟଣ୍ଡନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ସହେତେ ଅଲ୍‌ଗାମାନେ ଉପସ୍ଥିତ୍ ଥିଲେ । ସୂଚ୍‌ନା ଅନ୍‌ସାରେ ଶ୍ରୀ କମ୍ଭମ୍‌ପାଟିଙ୍କର୍ କାର୍ଯ୍ୟକାଳ ସର୍‌ଲା ଉତ୍‌ରୁ ବ୍ରଜମୋହନ୍ ରାମ୍‌ଙ୍କୁ ଓଡ଼ିଶାର୍ ନୂଆଁ ରାଜ୍ୟପାଲ୍ ଭାବେ ନିଯୁକ୍ତି ଦିଆଯାଇଛେ ।

ପୁଲିସ୍ ସେବା ପରୀକ୍ଷା            ଆର୍‌ଏନ୍‌ୟୁ/ ସମ୍ବଲପୁର

ସବ୍ ଇନ୍ସପେକ୍ଟର୍ ସ୍ତରର୍ ପଦ୍‌ବୀ ଲାଗି ହେବାର୍‌କେ ଥିବା ମିଲିତ୍ ପୁଲିସ୍ ସେବା ପରୀକ୍ଷା- ୨୦୨୪ ଲାଗି ଆବେଦନ୍ କରିଥିବା ପ୍ରାର୍ଥୀମାନେ ଆଏଜ୍‌ଠାନୁ ସେମାନ୍‌କର୍ ଅପ୍‌ଡେଟ୍ ତଥ୍ୟ ପୋର୍ଟାଲ୍‌ଥି ଦାଖଲ୍ କରିପାର୍‌ବେ ବଲି ଓଡ଼ିଶା ୟୁନିଫାଇଏଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ଆଏନ୍‌ଠାନୁ ଆଏବା ୨୯ ତାରିଖ୍‌ତକ୍ କମିଶନ୍‌ଙ୍କର୍ ୱେବ୍‌ସାଇଟ୍‌ଥି ପ୍ରାର୍ଥୀମାନେ ସେମାନ୍‌କର୍ ତଥ୍ୟ ଦେଇପାର୍‌ବେ ବଲି କୁହାଯାଇଛେ ।

ବଜ୍ରପାତ୍ ସୁରକ୍ଷା କର୍ମଶାଳା          ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ନ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ - ଓସ୍‌ଡମା ତର୍‌ଫୁ ଜାତୀୟ ବଜ୍ରପାତ୍ ସୁରକ୍ଷା କର୍ମଶାଳା ଆଏଜ୍ ମୁଲ୍ ହେବା । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କର୍ମଶାଳାର୍ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ଦେଶର୍ ନାଁକରା ବୈଜ୍ଞାନିକ୍ ଆଉ ବୈଷୟିକ୍ ଅନୁଷ୍ଠାନ୍, ବିଶ୍ୱବିଦ୍ୟାଳୟ,

ଗବେଷକ ଆଉ ବିଶେଷଜ୍ଞମାନେ ଯୋଗ୍ ଦେବେ । ଇଥି ବଜ୍ରପାତ୍ ସୁରକ୍ଷା ଲାଗି ଏସ୍ଓପି ଆଉ କାର୍ଯ୍ୟଯୋଜ୍ନା ତିଆର୍ ହେବା ।

ଝାର୍ସୁଗୁଡ଼ା ବିମାନ୍ ବନ୍ଦର୍ ସମ୍ପ୍ରସାରଣ   ଆର୍ଏନ୍ୟୁ/ ସମ୍ବଲପୁର

ଝାର୍ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍ର ସମ୍ପ୍ରସାରଣ୍ ଲାଗି କେନ୍ଦ୍ର ସର୍କାର୍ ୨୧ ଶହ କୋଟି ଟଙ୍କା ମଞ୍ଜୁର୍ କରିଛନ୍ । ପ୍ରସ୍ତାବିତ୍ ସମ୍ପ୍ରସାରଣ୍ କାମ୍ ଭିତ୍ରେ ରନ୍ୱେ ବଢ଼ାବାର୍ ସହେତେ ୨ ନମ୍ବର୍ ଟର୍ମିନାଲ୍ ଆଉ ନୂଆଁ ପ୍ରଶାସନିକ୍ କୋଠା ତିଆର୍ କରାଯିବା । ଇତାର୍ସହେତେ ଟେକ୍ସି ଟ୍ରାକ୍, ଆପ୍ରୋଚ୍ ଲାଇଟିଂ, ଅତ୍ୟାଧୁନିକ୍ ନାଭିଗେସନ୍ ବ୍ୟବସ୍ଥା ଆଉ ପାର୍କିଂ ବ୍ୟବସ୍ଥାର ସମ୍ପ୍ରସାରଣ୍ କରାଯିବା ବଲି ବର୍ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ କହିଛନ୍ ।

ଶ୍ରୀ ଜଗନ୍ନାଥ୍ ଦର୍ଶନ୍ ଯୋଜ୍ନା        ଆର୍ଏନ୍ୟୁ/ ସମ୍ବଲପୁର

ଶ୍ରୀ ଜଗନ୍ନାଥ୍ ଦର୍ଶନ୍ ଯୋଜ୍ନାଥି ସମ୍ବଲ୍ପୁର୍ ଜିଲ୍ଲାନୁ ଗଲାକାଏଲ୍ ୧୯ ଟା ବସ୍ଥି ୬ ଶହ ୬୫ ଝନ୍ ତୀର୍ଥଯାତ୍ରୀ ପୁରୀ ଯାଇଛନ୍ ।

ଇମାନ୍‌କର୍ ସାଙ୍ଗେ ୧୯ ଝନ୍ ଅଧିକାରୀ ଆଉ ୧୯ ଝନ୍ ସ୍ୱାସ୍ଥ୍ୟକର୍ମୀ ଭିଲ୍ ଯାଇଛନ୍ । ଗଲାକାଏଲ୍ ସଞ୍ଜବେଲେ ସମ୍ବଲ୍‌ପୁର୍ ନ ଅତିରିକ୍ତ ଜିଲ୍ଲାପାଲ୍ ଅଶୋକ୍ କୁମାର୍ ଭୋଇଙ୍କର୍ ସହେତେ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ରହିକରି ବସ୍ ଯାତ୍ରାର୍ ଶୁଭାରମ୍ଭ କରିଥିଲେ ।

ବର୍‌ଗଡ୍ ମାଷ୍ଟର୍ ପ୍ଲାନ        ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ପୌରାଂଚଲ୍ ଆଉ ତାର୍ ଆଖର୍‌ପାଖର୍ ୨୧ ଟା ଗାଁକେ ନେଇକରି ହେବାର୍‌କେ ଥିବାର୍ ବର୍‌ଗଡ୍ ମାଷ୍ଟର୍ ପ୍ଲାନ୍ ୨୦୪୦ ବାବ୍‌ଦେ ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ୍ ସଂସ୍ଥା ପରିସର୍ ନ ହେଇଥିବା ବୈଠକ୍‌ଥି ମାଷ୍ଟର୍ ପ୍ଲାନ୍‌କେ ନେଇକରି ଆସିଥିବା ଲୁକ୍‌କର୍ ଆପତି, ଅଭିଯୋଗ୍ ଆଉ ପ୍ରସ୍ତାବ୍ ବାବ୍‌ଦେ ବିଚାର୍ କରାଯାଇଥିଲା । ସୂଚ୍‌ନା ଅନ୍‌ସାରେ ଆଏବା ୧୫ ବଚ୍ଛରର୍ ବିକାଶ୍‌କେ ନଜର୍‌ଥି ରଖିକରି ତିଆର୍ ହେଇଥିବା ଇ ମାଷ୍ଟର୍ ପ୍ଲାନ୍‌ଥି ରାସ୍ତାଘାଟ୍‌ର ସଂଯୋଗୀକରଣ୍, ଭିତିଭୂମିର୍ ବିକାଶ୍ ଉପ୍‌ରେ ଜୋର୍

ଦିଆଯାଇଛେ । ବୈଠକ୍‌ଥି ବିଧାୟକ୍ ଅଶ୍ୱିନୀ କୁମାର୍ ଷଡ଼ଙ୍ଗୀଙ୍କର୍ ସହେତେ ଜିଲ୍ଲାପାଲ୍ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଷ୍ଟ୍ରୀୟ ମହିଳା କିଷାନ୍ ଦିବସ      ପି.ଆଇ.ବି.

ଭୁବ୍‌ନେଶ୍ୱର୍ ଆଇ.ସି.ଏ.ଆର୍ ପରିସର୍ ନ ରାଷ୍ଟ୍ରୀୟ ମହିଳା କିଷାନ୍ ଦିବସ୍ ଆଏଜ୍ ପାଲନ୍ କରାଯିବା । ଇଥି ରାଜ୍ୟ ସର୍‌କାର୍‌ଙ୍କର୍ କୃଷି ଆଉ କୃଷକ୍ କଲ୍ୟାଣ୍ ବିଭାଗ୍‌ର ସଚିବ ସଚିନ୍ ରାମଚନ୍ଦ୍ର ଯାଧବ୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେବେ । ଇ ଅବ୍‌ସରେ ମହିଳା ଚାଷୀମାନ୍‌କର୍ କଲ୍ୟାଣ୍ ଆଉ ସେମାନ୍‌କର୍ ବିକାଶ୍ ବାବ୍‌ଦେ ଆଲୋଚନା କରାଯିବା ବଲି ଜନାପଡ଼ିଛେ ।

ଶିକ୍ଷଣୀୟ କ୍ଷେତ୍ର ପରିଦର୍ଶନ୍ କାର୍ଯ୍ୟକ୍ରମ୍   ସମ୍ବଲପୁର ସମ୍ବାଦଦାତା

ବନ୍ଦେ ମାତରମ୍ କେମ୍ପ୍-୨୦୨୬ ଅବ୍‌ସରେ ମେରା ଯୁବ ଭାରତ୍ ସମ୍ବଲ୍‌ପୁର୍ ତର୍‌ଫୁ ଜିଲ୍ଲା ପ୍ରଶାସନ୍ ଆଉ ସମ୍ବଲ୍‌ପୁର୍

ବିଶ୍ୱବିଦ୍ୟାଲୟର୍ ସହଯୋଗ୍‌ଥି ଗଲାକାଏଲ୍ ଗୁଟେ ଶିକ୍ଷଣୀୟ କ୍ଷେତ୍ର ପରିଦର୍ଶନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ଦେଶର୍ ଭିନ୍ ଭିନ୍ ଜାଗାନୁ ଆସିଥିବା ଦେଢ଼ଶହ ନୁ ଅଏତ୍‌କା ଯୁଆନ୍ ପିଲା ଟୁକେଲ୍ ସାମିଲ୍ ହେଇକରି ସମ୍ବଲ୍‌ପୁର୍‌ର ଐତିହାସିକ୍ ସାଂସ୍କୃତିକ ଆଉ ପ୍ରାକୃତିକ୍ ସମ୍ପଦ୍ ବାବ୍‌ଦେ ଜ୍ଞାନ୍ ନେଇଥିଲେ । ଇ ପରିଦର୍ଶନ୍ କାର୍ଯ୍ୟକ୍ରମ୍‌ଥି ଅଂଶଗ୍ରହଣ୍‌କାରୀମାନେ ହୀରାକୁଦ୍ ଡେମ୍ ପାୱାର୍ ହାଉସ୍, ନେହେରୁ ମୀନାର୍, ଡେବ୍ରିଗଡ଼୍ ଅଭୟାରଣ୍ୟ ଆଉ ଘଂଟେଶ୍ୱରୀ ମନ୍ଦିର୍ ବୁଲି ଦେଖିଛନ୍ ।

ଯୁବ ସଂଗମ୍            ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇଆଇଏମ୍ ସମ୍ବଲ୍‌ପୁର୍ ପରିସର୍ ନ ଯୁବ ସଂଗମ୍ ୭ ନମ୍ବର୍ ଖେପ୍ ଗଲାକାଏଲ୍ ଶୁଭାରମ୍ଭ ହେଇଛେ । ଓଡ଼ିଶା ଆଉ ହିମାଚଲ୍ ପ୍ରଦେଶ୍ ଭିତ୍‌ରେ ସାଂସ୍କୃତିକ୍ ଆଦାନ୍ ପ୍ରଦାନ୍, ଭାବନାର୍ ଏକତା ଆଉ ଜାତୀୟ ସଂହତିକେ ବର୍‌କସ୍ କର୍‌ବାର୍‌ଟା ହେଉଛେ ଇତାର୍ ମୁଖ୍ୟ ଲକ୍ଷ୍ୟ । ଆଇଆଇଏମ୍ ସମ୍ବଲ୍‌ପୁର୍ ନିର୍ଦ୍ଦେଶକ ପ୍ରଫେସର୍ ମହାଦେଓ ଯୟଶ୍‌ୱାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଘାଟନୀ

ସମାରୋହଥି ମୁଖ୍ୟଅତିଥି ଭାବେ ନାଁକରା ସମ୍ବଲପୁରୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ୍ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୩ ଦିନ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଚଡ଼କ୍ ମାର୍ବାର୍ ସହେତେ ବର୍ଷା ହେବାର୍ ସମ୍ଭାବନା ରହିଛେ । ୨୪ ଘଂଟା ଭିତ୍ରେ ଚଡ଼କ୍ ମାରିକରି ବର୍ଷା ହେବା ବଲି ୧୮ ଟା ଜିଲ୍ଲାକେ ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।